ସମାଜ
The Samaja
ପ୍ରତିଷ୍ଠାତା - ଉତ୍କଳମଣି ଗୋପବନ୍ଧୁ ଦାସ

10th Dec, 2021

# ୫୫ ପ୍ରତିଶତ ଆଇଆଇଟିଆନ୍‌ଙ୍କୁ ନିଯୁକ୍ତି

ଜଟଣୀ, ୯।୧୨(ନି.ପ୍ର): ଜଟଣୀ ଅରଗୁଳ ସ୍ଥିତ ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ୍‌ରେ ବି.ଟେକ୍ ପାସ୍ କରିଥିବା ୫୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁବିଧା ମିଳିଥିବା ଆଇଆଇଟି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଇଆଇଟି କ୍ୟାମ୍ପସ୍ ପରିସରକୁ ଆସି ଆମାଜନ, ଗୋଲ୍ଡମ୍ୟାନ ସାଚସ୍,ଫ୍ଲିପକାର୍ଟ, ପେଟିଏମ୍, ଗୁଗୁଲ୍,ମାଇକ୍ରୋସଫ୍ଟ,ଓରାକେଲ୍,ଟାଟା ଷ୍ଟିଲ୍, ଅନ୍‌ଏକାଡ଼େମୀ, ସାମସଙ୍ଗ୍ ଆଦି କମ୍ପାନୀ ଛାତ୍ରଛାତ୍ରୀଙ୍କୁ ଚୟନ କରିଛନ୍ତି। ନବନିଯୁକ୍ତ ଆଇଆଇଟିଆନ୍ ବାର୍ଷିକ ୧୬ରୁ ୨୪ ଲକ୍ଷ ଟଙ୍କା ଦରମା ପାଇବେ ।

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର କହିଛନ୍ତି, ଆଇଆଇଟିରେ ୮୦ ଭାଗ ଛାତ୍ରଛାତ୍ରୀ ଶ୍ରେଣୀ ଗୃହରେ ଉପସ୍ଥିତ ରହି ଅଧ୍ୟୟନ କରୁଛନ୍ତି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆଇଆଇଟିଆନ୍‌ମାନେ ଅଧିକ ନିଯୁକ୍ତି ପାଇଥିବା ଆଇଆଇଟିର ସିଡ଼ିସି ମୁଖ୍ୟ ଡ଼.ଅରୁଣ କୁମାର ପ୍ରଧାନ ସୂଚନା ଦେଇଛନ୍ତି।